





ଓଁ

# ଶୂନ୍ୟେ ଅବଧୂତ ବାନା ଉଡୁଛି
# ଧରିତ୍ରୀ ଆକାଶ କମ୍ପିଯାଉଛି ।



## ସଂଖୁଳି ଖାଇଲେ ସରିବ
## ତୋଗୁଣ ଗାନ ନ ସରିବ

ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ଜନ୍ମବାର୍ଷିକ ଉତ୍ସବ-୨୦୨୬



## ଓଲାଶୁଣୀ ଗୁମ୍ଫା ପ୍ରଚାର ପ୍ରସାର କମିଟି ଦ୍ୱାରା ପ୍ରସ୍ତୁତି

# ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ଜନ୍ମବାର୍ଷିକ ଉତ୍ସବ-୨୦୨୬



ଆଷାଢ ମାସ ବାହୁଡା ଦିନର, ଏକାଦଶୀ ତିଥି ଅଟଇ ସାର (୧୧)
ଏ ଦିନ ମାତ ଗର୍ଭରୁ ଉତ୍ପତ୍ତି, ଜାତ ହୋଇଲୁ ଶୁଣରେ ସନ୍ତତି (୧୨)


୧୯୯୬ ମସିହା ମହାସମାଧି ଦିବସ ଉପଲକ୍ଷେ ଓଲାଶୁଣୀ ଗୁମ୍ଫା ତରଫରୁ ପ୍ରଥମ ସଂସ୍କରଣ ତତ୍ତ୍ୱ ସାର ଗୀତା ଓ ଦୂତୀ ବୋଧିନୀ ପୁସ୍ତକର ଏକାଦଶ ଅଧ୍ୟାୟର ୧୧ ଏବଂ ୧୨ ପଦରୁ ସଂଗୃହୀତ ।

ଐତିହ୍ୟ ତଥା ଆଭିଜାତ୍ୟ ସଂପନ୍ନ ବଡଖେମୁଣ୍ଡି ରାଜବଂଶର ତତ୍କାଳୀନ ରାଜା ପଦ୍ମନାଭ ମଣି ଦେବ୍ ପାଟରାଣୀ ମୁକ୍ତାମାଳା ଦେବୀଙ୍କ କୋଳମଣ୍ଡନ କରି ଆଷାଢ ମାସ ହରିଶୟନ (ବଡ) ଏକାଦଶୀ, ସୁନାବେଶ ତିଥିରେ ଯୁବରାଜ ବଳଭଦ୍ର ମଣି ଦେବ୍ **ମହାପୁରୁଷ ସନ୍ଥ ଅରକ୍ଷିତ ଦାସ** ଧରାପୃଷ୍ଠରେ ଆବିର୍ଭାବ ହୋଇଥିଲେ ।

ଭକ୍ତ ତଥା ଶୁଭେଚ୍ଛୁ ମାନଙ୍କ ଅବଗତି ନିମନ୍ତେ ପ୍ରକାଶ କରୁଅଛୁ ଯେ, ୨୦୦୦ ମସିହାଠାରୁ ମହାପୁରୁଷ ସନ୍ଥ ଅରକ୍ଷିତ ଦାସ ଙ୍କ ଜନ୍ମ ବାର୍ଷିକ ଉତ୍ସବ ପାଳିତ ହୋଇ ଆସୁଛି ।

ଚଳିତ ବର୍ଷ ଏହା ୨୫ ଜୁଲାଇ ୨୦୨୬ ଶନିବାର ଦିବା ୧୨ ଘଟିକା ସମୟରେ ଓଲାଶୁଣୀ ପୀଠ ଓ ଜନ୍ମସ୍ଥାନ ବିଜୟ ନଗର ଗଡ଼, ଦିଗପହଣ୍ଡି ସ୍ଥିତ ଅରକ୍ଷିତ ମଣ୍ଡପ, ତତ୍ ସହିତ ସମସ୍ତ ଶାଖା ଆଶ୍ରମ ରେ ପାଳିତ ହେବାକୁ ଯାଉଅଛି । ଏହି ଉପଲକ୍ଷେ ଆପଣ ମାନଙ୍କର ସାହାଯ୍ୟ, ସହଯୋଗ, ସହାନୁଭୂତି ଓ ଉପସ୍ଥିତି ଏକାନ୍ତ ଆବଶ୍ୟକ ।

ସନ୍ଥ ଅରକ୍ଷିତଙ୍କ ଜନ୍ମ ବାର୍ଷିକ ଉତ୍ସବ ଅବସରରେ **ବିଶ୍ୱବାସୀଙ୍କ** ନିକଟତର ସନ୍ଥ ଅରକ୍ଷିତଙ୍କ **"ତ୍ରିଭାଷିକ"** ଜୀବନ ତତ୍ତ୍ୱ ପୁସ୍ତକ ।



ଓଲାଶୁଣୀ ଗୁମ୍ଫା ପ୍ରଚାର ପ୍ରସାର କମିଟି ଦ୍ୱାରା ପରିଚାଳିତ **www.olasuni.com** ରେ ଉପଲବ୍ଧ ।


**ଜୟ ଅରକ୍ଷିତ** **ଜୟ ଜଗନ୍ନାଥ**


**-: କୃତଜ୍ଞତା ଜ୍ଞାପନ :-**

ବଡ଼ଖେମୁଣ୍ଡି ରାଜ ପରିବାର, ଗଞ୍ଜାମ
ଧରାକୋଟ ରାଜ ପରିବାର, ଗଞ୍ଜାମ
ବଡ଼କୋଠ ରାଜ ପରିବାର, କେନ୍ଦ୍ରାପଡା
ଶିବାନୀ ପରିବାର, ଜଇପୁର, ଜଗତ୍‌ସିଂପୁର
ମହାପୁରୁଷ ସନ୍ଥ ଅରକ୍ଷିତ ଦାସ ସ୍ମୃତି ସଂସଦ, ଦିଗପହଣ୍ଡି, ଗଞ୍ଜାମ ।



www.olasuni.com
Mahapurusa Arakhita Das's - Olasuni Gumpha YouTube
E-mail - nabakishoresamal9@gmail.com
9776343503, 9438534310, 9937632393, 7978628729
Bharat Bhusan Tripathy - 9337975884 PhonePe



ଯାହାର ପୂର୍ବଭାଗ୍ୟ ଥିବ ତା' ପୁତ୍ର ସନ୍ନ୍ୟାସୀ ହୋଇବ

# ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ଜୀବନୀ

ପଞ୍ଚସଖା ଯୁଗ ପରେ ସନ୍ଥ ମହାପୁରୁଷ ଅରକ୍ଷିତ ଦାସ ଜନ୍ମ ହେଲେ ପାରଳାଖେମୁଣ୍ଡି ରାଜବଂଶରେ । ତାଙ୍କ ଜନ୍ମ ରହସ୍ୟ ମୂଳରେ ବହୁ ପ୍ରବାଦ ଶୁଣିବାକୁ ମିଳେ । ପିତା ମାତା ରାଜବଂଶଧର ଥିଲେହେଁ ସନ୍ତାନହୀନ ଥିଲେ । ତେଣୁ ଅତୁଳ ଐଶ୍ୱର୍ଯ୍ୟ ମଧ୍ୟରେ ତାଙ୍କର ସୁଖ ଶାନ୍ତି ନଥିଲା । ପ୍ରତିଦିନ ଦେବାର୍ଚ୍ଚନ, ଦାନ, ଧ୍ୟାନକରି ଅରକ୍ଷିତଙ୍କ ମାତା, ଦାରୁଣ ମନସ୍ତାପରେ ଜୀବନ ଯାପନ କରୁଥାନ୍ତି । ଦିନେ ରାତିରେ ଜଣେ ସାଧୁ ସ୍ୱପ୍ନ ଛଳରେ ତାଙ୍କୁ ଦେଖାଦେଇ କହିଲେ, କାହିଁକି ତୁମେ ଦୁଃଖ କରୁଛ ମା ! ତୁମକୁ ତ ଭଗବାନ ରାଜ୍ୟ, ଐଶ୍ୱର୍ଯ୍ୟ, ଧନ ସମ୍ପଦ, ରାଜଅଟ୍ଟାଳିକା ସବୁ ଦେଇଛନ୍ତି । କ'ଣ ତୁମର ଅଭାବ ଯେ, ତୁମେ ଦିନ ରାତି ଚିନ୍ତା କରୁଛ ? କଣ ତୁମେ ଚାହଁ ?

ଦୁଃଖିନୀ ରାଜା ରାଣୀ ସେ ସାଧୁଙ୍କ ପାଦତଳେ ଲୋଟିପଡି କାନ୍ଦି କାନ୍ଦି କହିଲେ, ଏ ରାଜ ଐଶ୍ୱର୍ଯ୍ୟର ମୂଲ୍ୟ କଣ? ସାଂସାରିକ ଜୀବନରେ ଗୋଟିଏ ସନ୍ତାନ ଯଦି ନାହିଁ, ଇନ୍ଦ୍ରସମ୍ପଦ ମଧ୍ୟ ମଣିଷକୁ ଶାନ୍ତି ସୁଖ ଦେଇପାରେନା । ଯଦି ଆପଣ ଦର୍ଶନ ଦେଇଛନ୍ତି ତେବେ ଏ ଅଭାଗିନୀ କୋଳରେ ଗୋଟିଏ ସନ୍ତାନ ପାଇଁ ଆଶୀର୍ବାଦ କରି ଯାଆନ୍ତୁ । ତାନହେଲେ ଏ ଜୀବନ ରଖି ଲାଭ ନାହିଁ । ବରଂ ଆତ୍ମହତ୍ୟା ଶତଗୁଣେ ବାଞ୍ଛନୀୟ । ସାଧୁ ହସି ହସି କହିଲେ ଅଧୈର୍ଯ୍ୟ ହୁଅନା ମା, ମୁଁ ଆଶୀର୍ବାଦ କରୁଛି, ତୁମ ଗର୍ଭରେ ଗୋଟିଏ ପୁତ୍ର ସନ୍ତାନ ଜନ୍ମ ନେବା ମାତ୍ରେ ୧୬ ବର୍ଷପରେ ସେ ମୃତ୍ୟୁବରଣ କରିବ । ଏତିକି କହି ସାଧୁ ଅର୍ନ୍ତଧାନ ହୋଇଗଲେ । ରାଣୀଙ୍କ ନିଦ ଭାଙ୍ଗିଗଲା । ସ୍ୱପ୍ନବାଣୀରେ ଯେତିକି ଆନନ୍ଦ ଅନୁଭବ କଲେ, ତାର ବାକି ଦୁଃଖରେ ଅଧିର ହୋଇପଡିଲେ । ସବୁ ଭଗବାନଙ୍କ ଇଚ୍ଛା ବୋଲି ଠାକୁରଙ୍କ ପାଦରେ ମୁଣ୍ଡ ନୁଆଁଇଲେ ।

ଦଶମାସ ଦଶଦିନ ପରେ ଗୋଟିଏ ଦିବ୍ୟ ସୁନ୍ଦର ପୁତ୍ର ଜନ୍ମହେଲା ରାଜବଂଶରେ । ରାଜ୍ୟସାରା ଆନନ୍ଦର ସ୍ରୋତ ବହିଗଲା । ଦାନ, ଧ୍ୟାନ, ଯଜ୍ଞ, ବ୍ରାହ୍ମଣ ଭୋଜନ ଦେବାର୍ଚ୍ଚନରେ ସାରା ରାଜ୍ୟ ଉଚ୍ଛୁଳି ପଡିଲା ।

ଅଖପଛେ ଚକ ଗଡିଲା ପରି ଦିନପରେ ଦିନଗଡି ମାସ ବର୍ଷ ବିତି ଯାଉଥାଏ । ଚନ୍ଦ୍ରକଳା ବଢିଲା ପରି ରାଜକୁମାରଙ୍କ ବୟସ ବଢି ଚାଲିଥାଏ । ବିଦ୍ୟା ଅଧ୍ୟୟନ, ଶାସ୍ତ୍ର ଚର୍ଚ୍ଚା, ଦେବତା ଆରାଧନା ପ୍ରଭୃତି କାର୍ଯ୍ୟ ଯଥାବିଧି ଅନୁସାରେ ହେଉଥାଏ ।

ମାତ୍ର ପୁତ୍ରର ବୟସ ବଢିବା ସଙ୍ଗେ ସଙ୍ଗେ ରାଜାରାଣୀ ଦୁଃଖରେ ଆଉ ଶୋକରେ ଭାଙ୍ଗି ପଡୁଥାନ୍ତି । ପୁଅ ବିଦ୍ୟାଳୟରୁ ଆସିଲା ମାତ୍ରେ ସବୁବେଳେ ଦେଖନ୍ତି ମା'ଙ୍କ ଆଖିରେ ଲୁହ ପୂରି ରହିଛି । କାରଣ କ'ଣ ପଚାରିଲେ ଏଣୁ ତେଣୁ କହି ମା ଭୁଲାଇ ଦିଅନ୍ତି । କିନ୍ତୁ ୧୫ ବର୍ଷ ପୂରି ୧୬ ବର୍ଷ ଚାଲିଲା ପରେ ଅବସ୍ଥା ଅତି ଅସମ୍ଭାଳ ହୋଇପଡିଲା ।

ପୁଅ ଘରୁ ବାହାରକୁ ଯିବା ମାତ୍ରେ ମାଆଙ୍କ କାନ୍ଦରେ ରାଜ ଅନ୍ତଃପୁର ଉଚ୍ଛୁଳି ଯାଏ । ତାଙ୍କର ମନେ ପଡିଯାଏ, ସ୍ୱପ୍ନରେ ସେ ସାଧୁଙ୍କର ଆଶୀର୍ବାଦ ସାଙ୍ଗରେ ଅଭିଶାପ ଭଳି କଥା ପଦକ । ଷୋହଳ ବର୍ଷ ପୂରିଗଲେ ପୁଅ ଆଉ ବଞ୍ଚିବ ନାହିଁ ।

# ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ଜୀବନୀ

ମାଆର ହୃଦୟ କେତେ ମମତାରେ ତିଆରି, ସେ କଥା ଯେ ଅନୁଭବ କରିଛି ସେ ବୁଝିଛି । ଅନ୍ୟ କେହି ବୁଝିବା ସହଜ ନୁହଁ । ସବୁବେଳେ କାନ୍ଦ କାନ୍ଦ ମୁହଁ ଆଉ ଆଖିରେ ଲୁହ ଛଳ ଛଳ ଦେଖି ପୁଅ ପଚାରିଲା ଆଜି ମୋତେ ନଭୁଲାଇ ସତ କହିବ ମା, କାହିଁକି ତୁମେ ସବୁବେଳେ କାନ୍ଦୁଛ? ତାନହେଲେ ମୁଁ ଖାଇବି ନାହିଁ । ମୋ ରାଣ ପକାଇ ସତ କହିବ ! କି ଦୁଃଖ ତୁମର? ମା ସତ କଥା କହିଦେଲେ, ଷୋହଳ ବର୍ଷ ପୂର୍ଣ୍ଣହେଲେ ତୁ ଆଉ ବଞ୍ଚିବୁ ନାହିଁ । ପୁଅ କହିଲେ ଏଇ ସାମାନ୍ୟ କଥା ପାଇଁ ତୁମେ ଏତେ ଅସ୍ଥିର? ଜନ୍ମ ମାତ୍ରେ  ମୃତ୍ୟୁ ବିଧାତାର ନିୟମ । କିନ୍ତୁ ତୁମେ ଯଦି ଆଶୀର୍ବାଦ କରିବ ମା, ମୁଁ ମୃତ୍ୟୁ ସାଙ୍ଗରେ ଯୁଦ୍ଧ କରି ତାକୁ ଜୟ କରିବି । ମା କହିଲେ, ମୁଁ ମନଭରି ଆଶୀର୍ବାଦ କରୁଛି ତୁ ମୃତ୍ୟୁକୁ ଜୟ କର ।

ପାଦଧୂଳି ନେଲେ ନିର୍ଭୀକ ରାଜକୁମାର । ମା ଟିକେ ଆଶ୍ୱସ୍ତି ଲାଭ କଲେ । କିନ୍ତୁ ସେଇ ଦିନ ରାତିରେ କାହାରିକୁ ନଜଣାଇ ଅତୁଳ ଐଶ୍ୱର୍ଯ୍ୟ ରାଜସମ୍ପଦ ତ୍ୟାଗକରି ମରଣ ସାଙ୍ଗରେ ଯୁଦ୍ଧ କରିବାକୁ ଚାଲିଗଲା । ମନରେ ତାଙ୍କର ସେଇ ପ୍ରଭୁଙ୍କର ଚିନ୍ତା । ମୁଣ୍ଡରେ ଅଛି ଜନ୍ମଦାତ୍ରୀ ଜନନୀଙ୍କର ଆଶୀର୍ବାଦ । ସଂସାରରେ ମିଶି ରହିଛି ସାଧୁଙ୍କର ଶୁଭେଚ୍ଛା ।

ତହି ଆରଦିନ ରାଜ୍ୟସାରା ଚହଳ ପଡିଗଲା ରାଜକୁମାର କୁଆଡେ ଚାଲି ଯାଇଛନ୍ତି । ପିତାମାତା ମୁଣ୍ଡପିଟି କାନ୍ଦିଲେ । ରାଜ୍ୟସାରା ଶୋକର ଛାୟା ଖେଳିଗଲା । ମା କେବଳ ବିଶ୍ୱାସ ରଖିଛନ୍ତି ମୋ ପୁଅ ମରଣକୁ ଜୟ କରିବ । ମୁଁ ତାକୁ ଆଶୀର୍ବାଦ କରିଛି । ସେ ମୃତ୍ୟୁଜୟୀ ହେବ । କୂଳ ଦେବତାଙ୍କ ପାଦତଳେ ନିତି ପ୍ରଦୀପ ଜାଳି ପ୍ରାର୍ଥନା କରୁଥାନ୍ତି ରାଜା ରାଣୀ ଚାହିଁ ଚାହିଁ ୧୬ ବର୍ଷ ପୁରିଗଲା । ୧୭ ବର୍ଷ ପୁରିଲା, ୧୮ ବର୍ଷ ଚାଲିଲା । କିନ୍ତୁ କାହିଁ କିଛି ଖବର ନାହିଁ । ସପ୍ନରେ ମା ଦେଖୁଛନ୍ତି ଜଣେ ଗୈରିକ ବସନଧାରୀ ପ୍ରଶାନ୍ତ ଗମ୍ଭୀର ସାଧୁ ମୂର୍ତ୍ତି ସେ ସାଧୁଙ୍କ ଠାରେ ଶୁଭୁଛି ଶାନ୍ତିର ସାନ୍ତ୍ୱନା । ବାଣୀ ଶୁଣି ମା ପୁତ୍ର ତୁମର ମରଣକୁ ଜୟ କରି ଫେରିଛି । ଶହ ଶହ ପତିତ ଅଧମ ମଣିଷଙ୍କୁ ସତ ବାଟରେ ନେବା ପାଇଁ ପୁଅ ତୁମର ଆଜି ଚାଲିଛି ତ୍ୟାଗର ମହିମାମୟ ଆଲୋକ ବାଟରେ । ମା ସାନ୍ତହେଲେ, ସପ୍ନ ଭାଙ୍ଗିଗଲା । ତାପରେ କିଛିଦିନ ପରେ ଅରକ୍ଷିତ ଦାସ କୁଜଙ୍ଗ, ରୋମିତୋ, ସୋବଲା ବାଟେ ଦୁର୍ଗମ ନଦୀପାର ହୋଇ କେନ୍ଦ୍ରାପଡା ରାଧେଶ୍ୟାମ ନରେନ୍ଦ୍ରଙ୍କ ଗୃହରେ ଅତିଥି ହୋଇଥିଲେ । ସେତେବେଳକୁ ସେ ନିର୍ବିକାର ଯୋଗ୍ୟ ଭାବରେ ସାଧନା କରୁଥାନ୍ତି । ତାପରେ ଓଳାଶୁଣି ପାହାଡକୁ ଯାଇ ନିଜର ସାଧନାର ଶେଷ ଲୀଳା ସମାପ୍ତ କରିଥିଲେ । ଏ ପର୍ଯ୍ୟନ୍ତ ମଧ ମହାପୁରୁଷ ଅରକ୍ଷିତଙ୍କ ଶ୍ରାଦ୍ଧ ଦିବସରେ ମାଘ ମାସ କୃଷ୍ଣ ଏକାଦଶୀ ଦିନ ବିରାଟ ମେଳା ଅନୁଷ୍ଠିତ ହେଉଛି । ହଜାର ହଜାର ଭକ୍ତମାନେ ଏକତ୍ର ଭାବେ ଶ୍ରୀ ମହାପୁରୁଷଙ୍କ କୀର୍ତ୍ତିଗାନ ସଙ୍ଗେ ସଙ୍ଗେ ଭଜନ କିର୍ତ୍ତନରେ ପାହାଡର ପାଷାଣ ଦେହକୁ ମୁଖରିତ କରୁଛି ।

ମହାପୁରୁଷ ଅରକ୍ଷିତ ଦାସଙ୍କର ରଚିତ ବହୁ ଭଜନ ଏବଂ ଧର୍ମଗ୍ରନ୍ଥ ଓଡିଶାର ଧର୍ମ ରାଜ୍ୟକୁ ଉଜ୍ଜୀବିତ କରି ରଖିଛି ।

ଅରକ୍ଷିତ ଦାସଙ୍କ ଭବିଷ୍ୟତ ଓ ମାଳିକା ପଞ୍ଚସଖା ସାହିତ୍ୟ ମଧ୍ୟରେ ଅନ୍ୟତମ ସ୍ଥାନ ଅଧିକାର କରିଛି । ଏବେ ସୁଦ୍ଧା ଓଳାଶୁଣି ମଠରେ ଶୁଖୁଆ ପୋଡପିଠା ନୈବେଦ୍ୟ ହେଉଛି । କାମନାଭିଳାସି ମାନେ ଶୁଖୁଆ ପୋଡପିଠା ବର୍ଷକୁ ବର୍ଷ ଭୋଗ କରନ୍ତି ।

ବି.ଦ୍ର. - ଶ୍ରୀ ଶାରଦା ଷ୍ଟୋର, ନୂଆ ବସ୍‌ଷ୍ଟାଣ୍ଡ, ବାଦାମବାଡ଼ି, କଟକ - ୧୨ ଙ୍କ ଦ୍ୱାରା ୧୯୯୮ ମସିହାରେ ପ୍ରକାଶିତ 'ଘୋର କଳିରେ ପ୍ରାଣୀମତ' ବା 'ମହାପୁରୁଷ ଭବିଷ୍ୟତ ମାଳିକା' ପୁସ୍ତକରୁ ସଂଗୃହୀତ ।

ଓଳାଶୁଣୀ ଗୁମ୍ଫା ପ୍ରଚାର ପ୍ରସାର କମିଟି ଦ୍ୱାରା ପରିଚାଳିତ ୱେବ୍‌ସାଇଟ୍ www.olasuni.com ମାଧ୍ୟମରେ ଉକ୍ତ ତଥ୍ୟ ୨୫ ଜୁଲାଇ ୨୦୨୬ (ଶନିବାର) ସାର୍ବଜନୀନ କରାଗଲା ।


www.olasuni.com

Mahapurusa Arakhita Das's - Olasuni Gumpha YouTube

E-mail - nabakishoresamal9@gmail.com

9776343503, 9438534310, 9937632393, 7978628729

ଓଁ




ଐତିହ୍ୟ ତଥା ଆଭିଜାତ୍ୟ ସମ୍ପନ୍ନ ବଡ଼ ଖେମୁଣ୍ଡି ରାଜବଂଶର ବଂଶଜ ରାଜା ପଦ୍ମନାଭ ଦେବ୍ ରାଜମାତା ମୁକ୍ତାମାଳା ଦେବୀଙ୍କ କୋଳ ମଣ୍ଡନ କରି ଯୁବରାଜ ବଳଭଦ୍ର ଦେବ୍ ଆଷାଢ଼ ମାସ ଶୁକ୍ଳପକ୍ଷ ହରିଶୟନ (ବଡ଼) ଏକାଦଶୀ ଶ୍ରୀଜୀଉଙ୍କର ସୁନାବେଶ ପବିତ୍ର ତିଥିରେ ଧରାପୃଷ୍ଠରେ ଆବିର୍ଭାବ ହୋଇଥିଲେ ।

ଯୁବରାଜ ବଳଭଦ୍ର ଦେବ୍ ବୈଶାଖ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥରେ ଅର୍ଦ୍ଧରାତ୍ରରେ ଦିଗପହଣ୍ଡି ସ୍ଥିତ କଚେରି ଘରୁ କୌପିନୀ ଧାରଣ କରି ଗୃହ ତ୍ୟାଗ କଲେ ।

**ବି:ଦ୍ର:** ଦିଗପହଣ୍ଡି ସହର ଠାରୁ ୧୮ କି.ମି. ଦୂରରେ ଅବସ୍ଥିତ ବିଜୟନଗର ଗଡ଼ ଠାରେ ଯୁବରାଜ ବଳଭଦ୍ର ଦେବ୍ (ମହାପୁରୁଷ ସନ୍ଥ ଅରକ୍ଷିତ ଦାସ) ମାତୃ ଗର୍ଭରୁ ଭୂମିଷ୍ଠ ହୋଇଥିବା ବଡ଼ଖେମୁଣ୍ଡି ରାଜବାଟି ନିଜର ପରିଚୟ ପ୍ରଦାନ କରିବାକୁ ଅସହାୟ ।

ଆଜି ନୂତନ ପରିଚୟ ସୃଷ୍ଟି କରି ଘୋଡ଼ାହାଡ ଡ୍ୟାମ (ଘୋଡ଼ା ହାଡ ଜଳଭଣ୍ଡାର) ନାମରେ ପରିଚିତ, ଯାହା ଏବେ ବିଭିନ୍ନ କିସମର ମାଛ ଏବଂ ଥଣ୍ଟିଆ କୁମ୍ଭୀର ମାନଙ୍କର ଆଶ୍ରୟ ସ୍ଥଳି ଭାବରେ ପରିଚିତ । ବଡ଼ଖେମୁଣ୍ଡି ରାଜବାଟିର ସ୍ମୃତି ଚାରଣ କରୁଛି ଆନୁମାନିକ ୩୦୦ ରୁ ୪୦୦ ବର୍ଷ ତଳର ଭଗ୍ନ ଜଗନ୍ନାଥ ମନ୍ଦିର ।






**ଯାହାର ପୂର୍ବଭାଗ୍ୟ ଥିବ ତା'ପୁତ୍ର ସନ୍ନ୍ୟାସୀ ହୋଇବ**

- କପିଳ ମୁନିଙ୍କର ସୁତ ଯାହାଙ୍କ ନାମ ଅବଧୂତ
- ମହାପୁରୁଷ ଅରକ୍ଷିତ ଦାସ ଚାରି ଯୁଗରେ ଦଶ ଥର ଜନ୍ମ ଗ୍ରହଣ କରିଥାଆନ୍ତି ।
- ଧନ୍ୟକଳୀ- ମହାପୁରୁଷ ଅରକ୍ଷିତ ଦାସ ।
- ବ୍ରହ୍ମଋଷି- ମହାପୁରୁଷ ଅରକ୍ଷିତ ଦାସ ।
- ମାର୍କଣ୍ଡେୟ- ମହାପୁରୁଷ ଅରକ୍ଷିତ ଦାସ ।
- ଲୋମାଞ୍ଚ ମହର୍ଷି ଶିବଙ୍କର ପ୍ରଥମ ଭକ୍ତ ମହାପୁରୁଷ ଅରକ୍ଷିତ ଦାସ ।
- ମିଛ ଜଗତ ବ୍ରହ୍ମ ସତ୍ୟ ଖୋଜନ୍ତି ସେହୁ ଅରକ୍ଷିତ
- ସାଧୁ ଯେ ମଳୟ ପବନ କାଷ୍ଠକୁ କରନ୍ତି ଚନ୍ଦନ
- ଶୂନ୍ୟେ ଅବଧୂତ ବାନା ଉଡୁଛି ଧରିତ୍ରୀ ଆକାଶ କମ୍ପି ଯାଉଛି ।
- ଧୂଳି ଜାଗିଣ ତହିଁ ରହିଲି ନିଶ୍ଚିନ୍ତ ଅରକ୍ଷ ରକ୍ଷ ହେବାରୁ ନାମ ଅରକ୍ଷିତ ।

**ଜୟ ଅରକ୍ଷିତ !** **ଜୟ ଜଗନ୍ନାଥ !**





**"ତହୁଁ ପ୍ରବେଶ ଓଳାଶୁଣି ରେ ଯାଇ**
**ଅରକ୍ଷିତ ଦାସ ନାମ ବୋଲାଇ"**

- ଆଶ୍ୱିନ ମାସ ପ୍ରଥମ ଦିନ ଅର୍ଥାତ୍ କୃଷ୍ଣପକ୍ଷ ପ୍ରତିପଦା ଦିନ ସୂର୍ଯ୍ୟୋଦୟ ପୂର୍ବରୁ ଓଁକାର କ୍ଷେତ୍ର ଓଳାଶୁଣି ପାହାଡ଼ର ଦକ୍ଷିଣ ଦିଗରୁ ଯୁବରାଜ ବଳଭଦ୍ର ଦେବ୍ ଓଳାଶୁଣୀ ପାହାଡକୁ ପ୍ରବେଶ କରିଥିଲେ ।

- ମାଘକୃଷ୍ଣ ଏକାଦଶୀ ପବିତ୍ର ତିଥିରେ ଓଳାଶୁଣୀ ପାହାଡ଼ର ଶୀର୍ଷରେ ଜୀବନ୍ତ ସମାଧିଷ୍ଠ ହୋଇଥିଲେ ।

- ରାଜମାତା ମୁକ୍ତାମାଳା ଦେବୀ ଗଞ୍ଜାମ ଜିଲ୍ଲା ଧରାକୋଟ ରାଜବଂଶର ବଂଶଜ ରାଜା କୃଷ୍ଣସିଂ ଦେବ୍‌ଙ୍କ କନ୍ୟା ।

- ଅର୍ଥାତ୍ ଯୁବରାଜ ବଳଭଦ୍ର ଦେବ୍ (ମହାପୁରୁଷ ସନ୍ଥ ଅରକ୍ଷିତ ଦାସ)ଙ୍କ ମାମୁଘର ଧରାକୋଟ ରାଜପରିବାର ।

**ଜୟ ଅରକ୍ଷିତ !** **ଜୟ ଜଗନ୍ନାଥ !**



ଓଁ

## ମହାପୁରୁଷ ସନ୍ଥ ଅରକ୍ଷିତ ଦାସାୟ ନମଃ

୧୯୬୮ ମସିହାରେ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ପୁସ୍ତିକା ଗୁଡ଼ିକ ଧାରାବାହିକ ଭାବେ ପ୍ରକାଶ କରିବାପାଇଁ ଓଳାଶୁଣୀ ସାହିତ୍ୟ ସଂସଦ ନାମରେ ଏକ ଅନୁଷ୍ଠାନ ଗଠନ କରାଯାଇଥିଲା । ପ୍ରକାଶିତ ବ୍ୟକ୍ତିବିଶେଷ ହେଉଛନ୍ତି ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ।

୧ - ଶ୍ରୀ ପରମାନନ୍ଦ ଭୂୟାଁ (ଲଳିତଗିରି) ସଭାପତି ।
୨ - ଶ୍ରୀ କରୁଣାକର ସିଂ (ଲଳିରଗିରି) ସଦସ୍ୟ ।
୩ - ଶ୍ରୀ ପୁରନ୍ଦର ନାୟକ (ଲଳିତଗିରି) ସଦସ୍ୟ ।
୪ - ଶ୍ରୀ ସୁରେନ୍ଦ୍ର କୁମାର କାନୁନ୍‌ଗୋ (ବାଉଜଙ୍ଗ) ସଦସ୍ୟ ।
୫ - ଶ୍ରୀ ଶରତ ଚନ୍ଦ୍ର ତ୍ରିପାଠୀ (ବନ୍ଦରେଶ୍ୱର) ସଦସ୍ୟ ।
୬ - ଶ୍ରୀ କସ୍ତୁରି ଚରଣ ସାମଲ (ବନ୍ଦରେଶ୍ୱର) ସଦସ୍ୟ ।
୭ - ଶ୍ରୀ ଧନେଶ୍ୱର ସାମଲ (ବାହାଦୂର ନଗର) ସଦସ୍ୟ ।
୮ - ଶ୍ରୀ ଦୈତାରୀ ଜେନା (ଡ଼ିବରିଆ) ସଦସ୍ୟ ।
୯ - ଶ୍ରୀ ନିମାଇ ଚରଣ ଜେନା (ପାରିପଲେଇ) ସଦସ୍ୟ ।

ଲିଖିତ ତଥ୍ୟ ମାଘକୃଷ୍ଣ ଏକାଦଶୀ ସନ ୧୯୭୯ ମସିହାରେ ପ୍ରକାଶିତ ମହାପୁରୁଷ ଅରକ୍ଷିତ ଦାସ ଜୀବନ ତତ୍ତ୍ୱ ଓ ମହୀମଣ୍ଡଳ ଗୁପ୍ତଟୀକା ପୁସ୍ତକରୁ ସଂଗୃହୀତ ଲେଖକ- ଗୋଲକ ଚନ୍ଦ୍ର ପ୍ରଧାନ, ସତ୍ତ୍ୱାଧିକାରୀ- ମହନ୍ତ ଲଛମନ ଦାସ, ପ୍ରକାଶକ- ପରମାନନ୍ଦ ଭୂୟାଁ, ସଭାପତି, ଓଳାଶୁଣୀ ସାହିତ୍ୟ ସଂସଦ ।

ଜୟ ଅରକ୍ଷିତ !　　　　ଜୟ ଜଗନ୍ନାଥ !



## ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ଅଲୌକିକ କେଶ

୧୯୬୮ ମସିହାରେ ଚଣ୍ଡିଖୋଲ ଚଣ୍ଡୀଙ୍କ ପୁଣ୍ୟପୀଠରେ ବିଭିନ୍ନ ଧର୍ମାବଲମ୍ବୀ ମାନଙ୍କର ଗୋଟିଏ ଧର୍ମସଭା ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ଧର୍ମର ମୁଖ୍ୟ କ୍ଷାତ୍ରକମାନେ ସେ ଅନୁଷ୍ଠାନରେ ଯୋଗ ଦେଇଥିଲେ । ପୂର୍ବରୁ ସମ୍ବାଦ ପତ୍ର ମାଧ୍ୟମରେ ଜଣାଇଦିଆଯାଇଥିଲା ଓଡିଶାରେ ଥିବା ପ୍ରସିଦ୍ଧ ମହାପୁରୁଷ ମାନଙ୍କର ସାଧନା ମାର୍ଗର ବୈଶିଷ୍ଟ୍ୟ ଓ ବାଣୀ ପ୍ରବନ୍ଧାକାରରେ ଉପସ୍ଥାପନ କରିବାକୁ । ଏହି ମଠରେ ମହାପୁରୁଷଙ୍କର କେତେକ ପୋଥି ମାତ୍ର ଥିଲା । ଧର୍ମ ସଭା ନିକଟବର୍ତ୍ତୀ ହୋଇ ଆସିବାରୁ ମହାପୁରୁଷଙ୍କର ଧର୍ମର ଅନୁଗତ ଶ୍ରୀ ପରାମାନନ୍ଦ ଭୂୟାଁ ଓ ଶ୍ରୀ କସ୍ତୁରି ଚରଣ ସାମଲ ଇନ୍ଦୁରେଖାର ବିଶିଷ୍ଟ କବି ଶ୍ରୀ ଗୋଲକ ଚନ୍ଦ୍ର ପ୍ରଧାନଙ୍କୁ ଡାକି ଆଣିଥିଲେ ।

ସେ ମହାଶୟ ଏଠାରେ ଥିବା ପୋଥି ଓ ଲେଖାମାନ ପଢି କ୍ଷୁଦ୍ର ପ୍ରବନ୍ଧାକାରରେ ଧର୍ମର ବୈଶିଷ୍ଟ୍ୟ ଓ ତାଙ୍କର ବାଣୀ ଲେଖିଲେ, ତାହା ଭକ୍ତ ସଭାକୁ ପ୍ରେରିତହେଲା । ପରେ ଅନ୍ୟାନ୍ୟ ମଠରୁ ମହାପୁରୁଷଙ୍କ ଅନ୍ୟାନ୍ୟ ଲେଖାଗୁଡ଼ିକ ଅଣାଗଲା ଓ ଏବେ ଶ୍ରୀ ପ୍ରଧାନଙ୍କୁ ପୁଣି ଡାକିଆଣି ଏହି ସନ୍ଥକବି ଅରକ୍ଷିତ ପ୍ରବନ୍ଧକୁ ପୂର୍ଣ୍ଣାଙ୍ଗ ପ୍ରାପ୍ତ କରାଯାଇଅଛି । ୮୨ବର୍ଷ ବୟସରେ ଯେତେବେଳେ କି ଲୋକମାନେ ଏକ ସ୍ଥାନରୁ ଅନ୍ୟସ୍ଥାନକୁ ଯିବାକୁ ଡରନ୍ତି ସେହିଭଳି ସମୟରେ କବି ନିଜେ ବହୁ ଶ୍ରମ କରି ପାହାଡ଼ ଉପରକୁ ଆୟାସ ସହକାରେ ଚଢ଼ି ମଠରେ ଅନେକ ଅସୁବିଧା ମଧ୍ୟରେ ରହି ସୁଦ୍ଧା ନିଜର ଅମାୟିକ ଗୁଣଦ୍ୱାରା ଓ ଏକାନ୍ତ ମାନସିକ ଦୃଢ଼ତା ଯୋଗୁ ସନ୍ଥକବି ଅରକ୍ଷିତ ଶୀର୍ଷକ ଅମଳିନ ପୁଷଟିତ କରାଇ ତାହାକୁ ଦେବାର୍ଚ୍ଚନ ନିମନ୍ତେ ସବୁଦିନ ପାଇଁ ନିଷ୍କାମଭାବେ ଅର୍ପଣ କରିଥିବାରୁ ମୁଁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଅଛି ଓ ତାଙ୍କର ଯଶଶ୍ରୀ ବର୍ଦ୍ଧିତ ହେଉ ବୋଲି ମହାପୁରୁଷ ଙ୍କ ନିକଟରେ ପ୍ରାର୍ଥନା କରୁଅଛି ।

ଓଳାଶୁଣୀ ଗୁମ୍ଫା
ତା-୭/୪/୧୯୬୮

ସତ୍ତ୍ୱାଧିକାରୀ
ମହନ୍ତ ଶ୍ରୀ ଲଛମନ ଦାସ

**ଜୟ ଅରକ୍ଷିତ !** **ଜୟ ଜଗନ୍ନାଥ !**



ଓଁ

## ମହାପୁରୁଷ ସନ୍ଥ ଅରକ୍ଷିତ ଦାସାୟ ନମଃ

ମହାତ୍ମା ଅରକ୍ଷିତ ଦାସ ଥିଲେ ଜାତିସ୍ମର । ନିଜର ପୂର୍ବ ଜନ୍ମ ସମ୍ପର୍କରେ ସୂଚନା ପ୍ରଦାନ କରି ସେ ଲେଖିଛନ୍ତି ସତ୍ୟ ଯୁଗରେ ଏକାକ୍ଷର ମନ୍ତ୍ର ଜପକରି ସେ ସିଦ୍ଧିଲାଭ କରିଥିଲେ । ଦ୍ୱାପର ଯୁଗରେ ଗୋପାଳ ମନ୍ତ୍ର କୁ ଜପକରି ସେ ହେଲେ ସିଦ୍ଧ ପୁରୁଷ ।

ସେ ଥିଲେ ନିର୍ଗୁଣ ବ୍ରହ୍ମର ଉପାସକ ତେଣୁ ସେ ହୋଇ ଯାଇଛନ୍ତି ଅଲୌକିକ ଶକ୍ତି ସମ୍ପନ୍ନ ବ୍ରହ୍ମମୟ ପୁରୁଷ, ବ୍ରହ୍ମ କିଏ ତାଙ୍କର ସରୂପ କ'ଣ ଏ ସମ୍ବନ୍ଧରେ ମହାପୁରୁଷ ଅରକ୍ଷିତ ଦାସ କହିଚନ୍ତି ମୁଁ ବେଦ, ମୁଁ ପୁରାଣ, ମୁଁ ଗଙ୍ଗା, ମୁଁ ଗୋଦାବରୀ, ମୁଁ ଶୂନ୍ୟ, ମୁଁ ଅଗ୍ନି, ମୁଁ ବରୁଣ-କୁବେର, ମୁଁ ସାତବାର-ବାରମାସ, ମୁଁ ଅଣାକ୍ଷର, ମୁଁ ଚଉବନ ଅକ୍ଷର, ମୁଁ ଚଉଦ ବ୍ରହ୍ମାଣ୍ଡ । ମୁଁ ଅକ୍ଷର ଅଣାକ୍ଷର ଓ ମୁଁ ମଧ ପିଣ୍ଡବ୍ରହ୍ମାଣ୍ଡ ।

ଜୟ ଅରକ୍ଷିତ ! ଜୟ ଜଗନ୍ନାଥ !



ଐତିହ୍ୟ ତଥା ଆଭିଜାତ୍ୟ ସମ୍ପନ୍ନ ବଡଖେମଣ୍ଡି ରାଜବଂଶର ବଂଶଜ
ଗଜପତି ବୀରଭଦ୍ର ଅନଙ୍ଗଭୀମ ଦେବ୍ ଓରଫ୍ ଯୁବରାଜ ବଳଭଦ୍ର ଦେବ୍ ଓଳାଶୁଣୀ ପାହାଡର ଆରାଧ୍ୟ ଦେବତା,
ଅକ୍ଷରବ୍ରହ୍ମ, ଅଦେହ ଯୋଗୀ, ସର୍ବତ୍ୟାଗୀ ଜୀବନ୍ତ ସମାଧିସ୍ଥ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ଆନୁମାନିକ ଜନ୍ମ ମସିହା



**ରାଜ୍ୟର ବରିଷ୍ଠ ସାହିତ୍ୟ ସାଧକ ଏବଂ ଓଡ଼ିଆ ଖବର କାଗଜ ପ୍ରତିନିଧିଙ୍କ ପ୍ରକାଶିତ ତଥ୍ୟରୁ ସଂଗୃହୀତ**

| କ୍ରମିକ ସଂଖ୍ୟା | ପ୍ରକାଶିତ ବିଷୟ | ମତଦାତାଙ୍କ ନାମ | କେଉଁ ମସିହାରେ ପ୍ରକାଶିତ ଓଡ଼ିଆ ପୁସ୍ତକ, ପତ୍ର ପତ୍ରିକା, ଉତ୍କୃଷ୍ଟ ପ୍ରବନ୍ଧ ଏବଂ ଓଡ଼ିଆ ଖବର କାଗଜରୁ ସଂଗୃହୀତ | ଆନୁମାନିକ ଜନ୍ମ ମସିହା |
|---|---|---|---|---|
| ୧. | "ସୁଲୋଚନା ମାଧବ ମହାକାବ୍ୟ" ପ୍ରବନ୍ଧର ସୌଜନ୍ୟରୁ ଲିଖିତ | ବଡଖେମଣ୍ଡି ରାଜବଂଶର ରାଜମାତା ଅନଙ୍ଗ ମଞ୍ଜରୀ ଦେବୀ, ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ଓଡ଼ିଶା ଇତିହାସ ଓ ୧୯୭୫ ମସିହା ଝଙ୍କାରର ୧୧ ଶ ସଂଖ୍ୟା ଲେଖକ ଶ୍ରୀ ଅନନ୍ତ ଚରଣ ଦାସ | ମହାପୁରୁଷ ଅରକ୍ଷିତ ଦାସ ଜୀବନୀ ତତ୍ତ୍ୱ ଓ ମହୀମଣ୍ଡଳ ଗୁପ୍ତଟୀକା ପ୍ରଥମ ମୁଦ୍ରଣ ମାଘ କୃଷ୍ଣ ଏକାଦଶୀ ସନ ୧୯୭୯ ମସିହା ଲେଖକ - ଶ୍ରୀଗୋଲକ ଚନ୍ଦ୍ର ପ୍ରଧାନ, ସତ୍ତ୍ୱାଧିକରୀ - ମହନ୍ତ ଲଛମନ ଦାସ, ପ୍ରକାଶକ - ଶ୍ରୀ ପରମା ନନ୍ଦ ଭୂୟାଁ, ସଭାପତି, ଅରକ୍ଷିତ ସାହିତ୍ୟ ସଂସଦ, ଓଳାଶୁଣି । ସ୍ଥାପିତ - ୧୯୬୮ | ୧୭୮୨ ମସିହାରୁ ୧୭୮୮ ମସିହା ମଧ୍ୟରେ |
| ୨. | ମହାପୁରୁଷ ଅରକ୍ଷିତ ଦାସ | ଡକ୍ଟର ମାୟାଧର ମାନସିଂହ | ୧୯୬୭ ମସିହାରେ ତାଙ୍କ ଓଡ଼ିଆ ସାହିତ୍ୟର ଇତିହାସ ପୁସ୍ତକରେ ଉଲ୍ଲେଖ କରିଛନ୍ତି | ୧୭୭୨ ମସିହା |
| ୩. | ଅରକ୍ଷିତ ଦାସ ଓ ମହୀମଣ୍ଡଳ ଗୀତା - ୧ | ପଣ୍ଡିତ ମୃତ୍ୟୁଞ୍ଜୟ ରଥ | ଉତ୍କଳ ସାହିତ୍ୟ ୧୩୨୭ ମସିହାରେ ସେ ଯାହା କିମ୍ବଦନ୍ତୀ ଓ ଲୋକ ମୁଖରୁ ଶୁଣିବାକୁ ପାଇଥିଲେ ତାହା ପ୍ରକାଶ କରିଥିଲେ । | ୧୯୭୦ ମସିହା ପୂର୍ବ ବା ପର କୌଣସି ଦଶନ୍ଧିରେ |
| ୪. | ମହାପୁରୁଷ ଅରକ୍ଷିତ ଦାସ | ଗଞ୍ଜାମ ଜିଲ୍ଲା ଭଞ୍ଜନଗରର ଗବେଷକ ଶ୍ରୀ ଅନନ୍ତ ପ୍ରଦ୍ୟୁମ୍ନାଭ ପଟ୍ଟନାୟକ | ୧୯୫୦ ମସିହାରେ ଉତ୍କଳ ଗୌରବ ନାମରେ ଏକ ଜୀବନୀମାଳା ପ୍ରକଶ କଲେ । ଏହି ପୁସ୍ତକରେ ପ୍ରଥମ ଅଧ୍ୟାୟରେ ମହାପୁରୁଷ ଅରକ୍ଷିତ ଦାସ ଶୀର୍ଷକରେ ଏକ ପ୍ରବନ୍ଧ ରହିଛି | ୧୭୭୨ ମସିହା |



**ଐତିହ୍ୟ ତଥା ଆଭିଜାତ୍ୟ ସମ୍ପନ୍ନ ବଡଖେମଣ୍ଡି ରାଜବଂଶର ବଂଶଜ**
**ଗଜପତି ବୀରଭଦ୍ର ଅନଙ୍ଗଭୀମ ଦେବ୍ ଓରଫ୍ ଯୁବରାଜ ବଳଭଦ୍ର ଦେବ୍ ଓଳାଶୁଣୀ ପାହାଡର ଆରାଧ ଦେବତା,**
**ଅକ୍ଷରବ୍ରହ୍ମ, ଅଦେହ ଯୋଗୀ, ସର୍ବତ୍ୟାଗୀ ଜୀବନ୍ତ ସମାଧିସ୍ଥ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ଆନୁମାନିକ ଜନ୍ମ ମସିହା**



**ରାଜ୍ୟର ବରିଷ୍ଠ ସାହିତ୍ୟ ସାଧକ ଏବଂ ଓଡ଼ିଆ ଖବର କାଗଜ ପ୍ରତିନିଧିଙ୍କ ପ୍ରକାଶିତ ତଥ୍ୟରୁ ସଂଗୃହୀତ**

| କ୍ରମିକ ସଂଖ୍ୟା | ପ୍ରକାଶିତ ବିଷୟ | ମତଦାତାଙ୍କ ନାମ | କେଉଁ ମସିହାରେ ପ୍ରକାଶିତ ଓଡ଼ିଆ ପୁସ୍ତକ, ପତ୍ର ପତ୍ରିକା, ଉତ୍କୃଷ୍ଟ ପ୍ରବନ୍ଧ ଏବଂ ଓଡ଼ିଆ ଖବର କାଗଜରୁ ସଂଗୃହୀତ | ଆନୁମାନିକ ଜନ୍ମ ମସିହା |
|---|---|---|---|---|
| ୫. | ଅରକ୍ଷିତ ଦାସ ଓ ମହୀମଣ୍ଡଳ ଗୀତା | ଡକ୍ଟର ବଂଶୀଧର ମହାନ୍ତି | ମାସିକ ଝଙ୍କାର ୧୯୬୦ ମସିହାରେ ପ୍ରକାଶିତ ୧୧ ସଂଖ୍ୟା ପୃଷ୍ଠା ୧୦୨୩ ଠାରୁ ୧୦୩୨ ପୃଷ୍ଠା ମଧ୍ୟରୁ ସଂଗୃହୀତ | ୧୯୭୦ ମସିହା ପୂର୍ବରୁ ବା ପରେ କୈାଣସି ଦଶନ୍ଧିରେ ଜନ୍ମ ଗ୍ରହଣ କରିଥିଲେ |
| ୬. | ଅରକ୍ଷିତ ଦାସଙ୍କ ସର୍ବ ନିର୍ଗୁଣତତ୍ତ୍ୱ | ଡକ୍ଟର ନଗେନ୍ଦ୍ର ନାଥ ପ୍ରଧାନ | ୧୯୮୨ ମସିହାରେ ପ୍ରକାଶିତ ଓଡ଼ିଆ ନିର୍ଗୁଣ ସାହିତ୍ୟର ଭୂମିକା | ୧୭୭୨ ମସିହା ରୁ ୧୮୦୩ ମସିହା ମଧ୍ୟରେ |
| ୭. | ଶ୍ରୀ ଅରକ୍ଷିତ ଦାସଃ ଏକ ଅଧ୍ୟୟନ, ମହୀମଣ୍ଡଳର ଗୀତା | ଡକ୍ଟର ଚିତ୍ତରଞ୍ଜନ ଦାସ | ୨୦୦୪ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ଶ୍ରୀ ଅରକ୍ଷିତ ଦାସଃ ଏକ ଅଧ୍ୟୟନ, ମହୀମଣ୍ଡଳର ଗୀତା ପୁସ୍ତକରୁ ସଂଗୃହୀତ | ୧୭୮୦ ମସିହା ଠାରୁ ୧୭୮୮ ମସିହା ମଧ୍ୟରେ ଜନ୍ମଗ୍ରହଣ କରିଥିଲେ । |
| ୮. | ସନ୍ଥ ଅରକ୍ଷିତ ଦାସଙ୍କ ଜୀବନୀ ଓ ଧର୍ମ ଦର୍ଶନ | ଅଧ୍ୟାପକ ଶ୍ରୀ ବିଶ୍ୱଜିତ୍ କେଶରୀ ବିଶ୍ୱାଳ, ଏମ.ଏସ.ସି.ଏମ୍.ଏ ଏବଂ ଏଲ୍.ଏଲ୍.ବି ଉତ୍କଳ ବିଶ୍ୱବିଦ୍ୟାଳୟ, ତଳମୂଳ କଲେଜ, ଅନୁଗୁଳ | ମହୀମଣ୍ଡଳ ଗୀତା ଓ ଗୁପ୍ତଟୀକା ନୂତନ ମୁଦ୍ରଣଃ୨୦୧୬ ପ୍ରକାଶକ ଓ ପ୍ରାପ୍ତିସ୍ଥାନ ଧର୍ମଗ୍ରନ୍ଥ ଷ୍ଟୋର, ଅଲିଶା ବଜାର କଟକ-୨, ପ୍ରତିଷ୍ଠାତା ବିଦ୍ୟାଧର ସାହୁ । | ସମ୍ଭବତଃ ୧୭୮୮ ମସିହା ଅଟେ |
| ୯. | ଆଦ୍ୟକଥନ 'ଭୋଗୀ ହେଲେ ଯୋଗୀ' | ଶ୍ରୀ ଅଭିରାମ ପ୍ରସାଦ ଭୂୟାଁ | ୨୦୨୦ ମସିହାରେ ପ୍ରକାଶିତ ଉତ୍କୃଷ୍ଟ ପ୍ରବନ୍ଧ ଶୂନ୍ୟପୁରୁଷ ରୁ ସଂଗୃହୀତ | ୧୭୭୦ ମସିହାରୁ ୧୭୮୦ ମସିହା ମଧ୍ୟରେ |
| ୧୦. | "ମହାପୁରୁଷ ଅରକ୍ଷିତ ଦାସଙ୍କ ଦାର୍ଶନିକ ଚିନ୍ତାଧାରା" | ପ୍ରଫେସର୍ ଦାର୍ଶନିକ ହୃଦାନନ୍ଦ ରାୟ | ୨୦୨୦ ମସିହାରେ ପ୍ରକାଶିତ ଉତ୍କୃଷ୍ଟ ପ୍ରବନ୍ଧ ଶୂନ୍ୟପୁରୁଷ ରୁ ସଂଗୃହୀତ | ୧୭୭୨ ମସିହା ଠାରୁ ୧୮୦୩ ମସିହା ମଧ୍ୟରେ |



ଐତିହ୍ୟ ତଥା ଆଭିଜାତ୍ୟ ସମ୍ପନ୍ନ ବଡଖେମଣ୍ଡି ରାଜବଂଶର ବଂଶଜ
ଗଜପତି ବୀରଭଦ୍ର ଅନଙ୍ଗଭୀମ ଦେବ୍ ଓରଫ୍ ଯୁବରାଜ ବଳଭଦ୍ର ଦେବ୍ ଓଳାଶୁଣୀ ପାହାଡର ଆରାଧ୍ୟ ଦେବତା,
ଅକ୍ଷରବ୍ରହ୍ମ, ଅଦେହ ଯୋଗୀ, ସର୍ବତ୍ୟାଗୀ ଜୀବନ୍ତ ସମାଧିସ୍ଥ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ଆନୁମାନିକ ଜନ୍ମ ମସିହା

**ରାଜ୍ୟର ବରିଷ୍ଠ ସାହିତ୍ୟ ସାଧକ ଏବଂ ଓଡ଼ିଆ ଖବର କାଗଜ ପ୍ରତିନିଧିଙ୍କ ପ୍ରକାଶିତ ତଥ୍ୟରୁ ସଂଗୃହୀତ**



| କ୍ରମିକ ସଂଖ୍ୟା | ପ୍ରକାଶିତ ବିଷୟ | ମତଦାତାଙ୍କ ନାମ | କେଉଁ ମସିହାରେ ପ୍ରକାଶିତ ଓଡ଼ିଆ ପୁସ୍ତକ, ପତ୍ର ପତ୍ରିକା, ଉତ୍କୃଷ୍ଟ ପ୍ରବନ୍ଧ ଏବଂ ଓଡ଼ିଆ ଖବର କାଗଜରୁ ସଂଗୃହୀତ | ଆନୁମାନିକ ଜନ୍ମ ମସିହା |
|---|---|---|---|---|
| ୧୧. | କେଟେବାଟ ରାଜ ଭୋଗରୁ ଆଧାତ୍ମିକ ଆନନ୍ଦ ମଠକୁ । | ପ୍ରଫେସର ବୈଷ୍ଣବ ଚରଣ ସାମଲ | ୨୦୨୦ ମସିହାରେ ପ୍ରକାଶିତ ଉତ୍କୃଷ୍ଟ ପ୍ରବନ୍ଧ ଶୂନ୍ୟପୁରୁଷ ରୁ ସଂଗୃହୀତ | ୧୮୦୦ ମସିହା |
| ୧୨. | ଅରକ୍ଷିତ ଦାସଙ୍କର ସୁରକ୍ଷିତ ପ୍ରେମଧର୍ମ | ପଣ୍ଡିତ ଅଚ୍ୟୁତାନନ୍ଦ କର | ୨୦୨୦ ମସିହାରେ ପ୍ରକାଶିତ ଉତ୍କୃଷ୍ଟ ପ୍ରବନ୍ଧ ଶୂନ୍ୟପୁରୁଷ ରୁ ସଂଗୃହୀତ | ୧୭୮୦ ମସିହାରୁ ୧୭୮୮ ମସିହା ମଧ୍ୟରେ |
| ୧୩. | ବ୍ରହ୍ମ ଅବଧୂତ ଅରକ୍ଷିତ ଦାସଙ୍କ ଗ୍ରନ୍ଥାବଳୀର ପ୍ରକାଶନ ଓ ତହିଁରେ ଥିବା ତାତ୍ତ୍ୱିକ ଭାବଧାରା ର ବିଚାର ବିମର୍ଷ । | ମାଳିକା ଗବେଷକ ଡ଼ଃ ରତ୍ନାକର ସାହୁ | ୨୦୨୦ ମସିହାରେ ପ୍ରକାଶିତ ଉତ୍କୃଷ୍ଟ ପ୍ରବନ୍ଧ ଶୂନ୍ୟପୁରୁଷ ରୁ ସଂଗୃହୀତ | ଅଷ୍ଟାଦଶ ଶତକର ଶେଷ ଭାଗରେ (ଆନୁମାନିକ ୧୭୭୨ ଖ୍ରୀଷ୍ଟାବ୍ଦ) |
| ୧୪. | ସନ୍ଥ ଅରକ୍ଷିତ ଦାସଙ୍କ ବ୍ରହ୍ମତତ୍ତ୍ୱ ଏକ ଅନୁଶୀଳନ | ଡକ୍ଟର ଏକାଦଶୀ ପ୍ରଧାନ | ୨୦୨୦ ମସିହାରେ ପ୍ରକାଶିତ ଉତ୍କୃଷ୍ଟ, ପ୍ରବନ୍ଧ ଶୂନ୍ୟପୁରୁଷ ରୁ ସଂଗୃହୀତ | ୧୭୮୨ ମସିହା |
| ୧୫. | ବ୍ରହ୍ମଦର୍ଶୀ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ମହାସିଦ୍ଧି ଓ ମହାପ୍ରୟାଣ ଭୂମି ଓଁକାର-ଏକାକ୍ଷର କ୍ଷେତ୍ର ଓଳାଶୁଣୀ ଗୁମ୍ଫା: ଏକ ଐତିହାସିକ ଅନୁଶୀଳନ | ଡକ୍ଟର ହରିଶ ଚନ୍ଦ୍ର ପୃଷ୍ଟି | ୨୦୨୦ ମସିହାରେ ପ୍ରକାଶିତ ଉତ୍କୃଷ୍ଟ ପ୍ରବନ୍ଧ ଶୂନ୍ୟପୁରୁଷ ରୁ ସଂଗୃହୀତ | ୨୫୦ ବର୍ଷ ପୂର୍ବେ |
| ୧୬. | ମହୀମଣ୍ଡଳ ଗୀତା: ଆତ୍ମଜୀବନୀ ଆତ୍ମଜିଜ୍ଞାସା | ପ୍ରଫେସର ଶ୍ରୀ ଦାଶରଥି ଦାସ | ୨୦୨୦ ମସିହାରେ ପ୍ରକାଶିତ ଉତ୍କୃଷ୍ଟ ପ୍ରବନ୍ଧ ଶୂନ୍ୟପୁରୁଷ ରୁ ସଂଗୃହୀତ | ୧୭୭୨ ମସିହାରେ ଜନ୍ମ |



ଐତିହ୍ୟ ତଥା ଆଭିଜାତ୍ୟ ସମ୍ପନ୍ନ ବଡଖେମଣ୍ଡି ରାଜବଂଶର ବଂଶଜ
ଗଜପତି ବୀରଭଦ୍ର ଅନଙ୍ଗଭୀମ ଦେବ୍ ଓରଫ୍ ଯୁବରାଜ ବଳଭଦ୍ର ଦେବ୍ ଓଲାଶୁଣୀ ପାହାଡର ଆରାଧ୍ୟ ଦେବତା,
ଅକ୍ଷରବ୍ରହ୍ମ, ଅଦେହ ଯୋଗୀ, ସର୍ବତ୍ୟାଗୀ ଜୀବନ୍ତ ସମାଧିସ୍ଥ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ଆନୁମାନିକ ଜନ୍ମ ମସିହା

**ରାଜ୍ୟର ବରିଷ୍ଠ ସାହିତ୍ୟ ସାଧକ ଏବଂ ଓଡ଼ିଆ ଖବର କାଗଜ ପ୍ରତିନିଧିଙ୍କ ପ୍ରକାଶିତ ତଥ୍ୟରୁ ସଂଗୃହୀତ**



| କ୍ରମିକ ସଂଖ୍ୟା | ପ୍ରକାଶିତ ବିଷୟ | ମତଦାତାଙ୍କ ନାମ | କେଉଁ ମସିହାରେ ପ୍ରକାଶିତ ଓଡ଼ିଆ ପୁସ୍ତକ, ପତ୍ର ପତ୍ରିକା, ଉତ୍କୃଷ୍ଟ ପ୍ରବନ୍ଧ ଏବଂ ଓଡ଼ିଆ ଖବର କାଗଜରୁ ସଂଗୃହୀତ | ଆନୁମାନିକ ଜନ୍ମ ମସିହା |
|---|---|---|---|---|
| ୧୭. | "ଅବହେଳିତ ସନ୍ଥ ଅରକ୍ଷିତ"ଙ୍କ ପ୍ରତିମୂର୍ତ୍ତି ଶୀର୍ଷକ ସୌଜନ୍ୟରୁ | ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ପୌର ପାଳିକାର ଅଧିବାସୀ ତଥା ଦୈନନ୍ଦିନ ପ୍ରକାଶିତ ଓଡ଼ିଆ ଖବର କାଗଜ ଧରିତ୍ରୀର ପ୍ରତିନିଧି ଶ୍ରୀ ଆଶିଷ ନାଥ ମିଶ୍ରଙ୍କ ସହିତ ଓଲାଶୁଣୀ ଗୁମ୍ଫା ପ୍ରଚାର ପ୍ରସାର କମିଟି ତରଫରୁ ମୋବାଇଲ୍ ମାଧ୍ୟମରେ ମହାପୁରୁଷଙ୍କ ଜନ୍ମ ମସିହାର ସତ୍ୟତା ବିଷୟରେ ପଚାରି ବୁଝିଥିଲୁ । ତାହା ଏଠାରେ ପ୍ରକାଶ କରୁଅଛୁ । ବ୍ରହ୍ମପୁର ନଗର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡକ୍ଟର କନକଲତା ଦାସ ୧୯୯୭ ମସିହାରେ ସନ୍ଥ ଅରକ୍ଷିତ ଦାସଙ୍କ ସମ୍ପର୍କରେ ପ୍ରଫେସର ବାଉରୀବନ୍ଧୁ କରଙ୍କ ଅଧୀନରେ ଗବେଷଣା କରି ପିଏଚ୍.ଡ଼ି. ଡ଼ିଗ୍ରୀ ହାସଲ କରିଛନ୍ତି । ତେଣୁ ଶ୍ରୀ ମିଶ୍ର ଡକ୍ଟର ଦାସଙ୍କ ମତାମତ ଆଧାରରେ ଜନ୍ମ ମସିହା ସାର୍ବଜନୀନ କରିଛନ୍ତି । | ତା.୨୪.୦୩.୨୦୧୨ ରିଖ (ଶୁକ୍ରବାର) ଦୈନିକ ଓଡ଼ିଆ ସମ୍ବାଦ ପତ୍ର ଧରିତ୍ରୀ | ୧୭୭୮ ମସିହାରେ ଜନ୍ମ ଗ୍ରହଣ କରିଥିଲେ । |

ଏହା ମଧ୍ୟ ଉଲ୍ଲେଖ ଯୋଗ୍ୟ ଯେ ଖେମଣ୍ଡିର ପାଇକ ସେନା ଏବଂ ବ୍ରିଟିଶ୍ ସେନାଙ୍କ ମଧ୍ୟରେ ଦୀର୍ଘ ୫ ବର୍ଷ ଧରି ଘମାଘୋଟ ଲଢେଇ ଲାଗି ରହିଲା । ପରବର୍ତ୍ତୀ ସମୟରେ ବ୍ରିଟିଶ୍ ସେନାଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ସନ୍ଥ ଅରକ୍ଷିତଙ୍କ ମାତା ରାଜମାତା ମୁକୁତାମଣୀ ଦେବୀ ସତୀଦାହ ପ୍ରଥାକୁ ଆପଣେଇ ନେଇ ଅଗ୍ନିରେ ଝାସ ଦେଲେ ଯାହା ଫଳରେ ରାଜ ପରିବାରର ସମସ୍ତ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଜଳି ପୋଡି ପାଉଁଶ ହୋଇଗଲା । ଯୁବରାଜ ବଳଭଦ୍ର ଦେବ୍ (ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ପ୍ରକୃତ ଜନ୍ମ ମସିହା ଆକଳନ କରିବା କଷ୍ଟ ସାଧ୍ୟ ।)

## - ତଥ୍ୟ ସଂଗ୍ରହ -




**ଶରଣାରବିନ୍ଦ ଓଝା, ସଂସ୍କୃତି ଗବେଷକ**
ମୁଖ୍ୟ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ
୯୭୭୭୩୪୩୫୦୩



**ନବକିଶୋର ସାମଲ**
ସାଧାରଣ ସମ୍ପାଦକ
ମୋ - ୯୯୩୭୭୩୨୩୯୩



**ବିଜୟଲକ୍ଷ୍ମୀ ସାମଲ**
ସହଯୋଗିତା



## ତହୁଁ ପ୍ରବେଶ ଓଳାଶୁଣୀରେ ଯାଇ ଅରକ୍ଷିତ ଦାସ ନାମ ବୋଲାଇ ।

### ମହାପୁରୁଷ ସନ୍ଥ ଅରକ୍ଷିତ ଦାସାୟ ନମଃ

ମହନ୍ତ ମହାରାଜ ରାମଚନ୍ଦ୍ର ଦାସ ବିହାର ଅଞ୍ଚଳର ମୂଳ ବାସିନ୍ଦା ଓଳାଶୁଣୀ ପାହାଡର ଆରାଧ୍ୟ ଦେବତା ଜୀବନ୍ତ ସମାଧିସ୍ଥ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ପ୍ରଥମ ମୁଖ୍ୟ ସେବକ ।

ମହନ୍ତ ମହାରାଜ ପ୍ରୟାଗ ଦାସ ମଣିପୁର ଅଞ୍ଚଳର ମୂଳ ବାସିନ୍ଦା ଓଳାଶୁଣୀ ପାହାଡର ଆରାଧ୍ୟ ଦେବତା ଜୀବନ୍ତ ସମାଧିସ୍ଥ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ତୃତୀୟ ମୁଖ୍ୟ ସେବକ ।

ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ଜୀବନ୍ତ ସମାଧି ପୀଠର ପ୍ରଥମ ଏବଂ ତୃତୀୟ ମୁଖ୍ୟ ସେବକ ବା ମହନ୍ତ ମହାରାଜ ନାଗା ସାଧୁ ସମ୍ପ୍ରଦାୟର ।

ବି;ଦ୍ର; ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ଭିନ୍ନ ଭିନ୍ନ ତଥ୍ୟ ଆଧାରରେ ଜଣାପଡୁଛି ଯେ, ଜୀବନ୍ତ ସମାଧି ପୀଠ ଓଳାଶୁଣୀ ପାହାଡ ଭବିଷ୍ୟତରେ ଶତାଧିକ ନାଗାସାଧୁ ମାନଙ୍କ ଦ୍ୱାରା ପୁନରୁଦ୍ଧାର ହେବାର ସମ୍ଭାବନା ରହିଛି ।

ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ମହାସମାଧି ହେଉଛି ୧୨୫୪ ସାଲ ସ୍ମ ୧୭୮୮ ଖ୍ରୀଷ୍ଟାବ୍ଦ ଗଜପତି ମହାରାଜ ରାମଚନ୍ଦ୍ର ଦେବ (୧)ଙ୍କ ପ୍ରଥମ ଅଙ୍କ । ଉକ୍ତ ତଥ୍ୟ ଆଧାରରେ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ମହାସମାଧି ଦିବସ ୨୦୨୭ ମସିହା ହେଉଛି ୨୩୯ତମ ।

୨୦୧୬ ମସିହାରେ ଧର୍ମଗ୍ରନ୍ଥ ଷ୍ଟୋର ଦ୍ୱାରା ପ୍ରକାଶିତ ମହୀମଣ୍ଡଳ ଗୀତା ଓ ଗୁପ୍ତଟୀକା ପୁସ୍ତକରୁ ସଂଗୃହୀତ ।

ଓଳାଶୁଣୀ ଗୁମ୍ଫା ପ୍ରଚାର ପ୍ରସାର କମିଟି ଦ୍ୱାରା ପରିଚାଳିତ ୱେବ୍‌ସାଇଟ୍ www.olasuni.com ମାଧ୍ୟମରେ ଉକ୍ତ ତଥ୍ୟ ୧୪ ଜୁନ୍ ୨୦୨୬ ସୋମବାର ସାର୍ବଜନୀନ କରାଗଲା ।


www.olasuni.com

Mahapurusa Arakhita Das's - Olasuni Gumpha YouTube

E-mail - nabakishoresamal9@gmail.com

9776343503, 9438534310, …37632393, 7978628729

ଓଁ

୧) ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ମନୁଷ୍ୟ ବହୁତ କିଛି ହାସଲ କରିପାରିବ ।

୨) ଅନ୍ୟକୁ ଠକିବାକୁ ପ୍ରୟାସ କରୁଥିବା ବ୍ୟକ୍ତି ଦିନେ ନିଜେ ଠକିହୋଇଯାଏ ।

୩) ଦୁର୍ନୀତି କରି ସଫଳତା ହାସଲ କରିଥିବା ବ୍ୟକ୍ତିକୁ ଦିନେନା ଦିନେ ଏହାର ବହୁମୂଲ୍ୟ ଦେବାକୁ ପଡିଥାଏ ।

୪) ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପାଟି ବନ୍ଦକରି ରହିବା ଏକ ଅପରାଧ ।

୫) କିଛି ନୂଆ କରିବାର ଆଶା ଜଣେ ବ୍ୟକ୍ତିକୁ ସଫଳତା ଆଡକୁ ଟାଣି ନେଇଥାଏ ।

୬) ଅନ୍ୟର ଧନ ଅପହରଣ, ମିତ୍ରକୁ ଅପମାନ ତଥା ଚରିତ୍ରହୀନତା ଏହି ତିନିଗୁଣ ବିନାଶକୁ ଡାକିଆଣେ ।

୭) କେତେକ ପରିସ୍ଥିତିରେ ସନ୍ଦେହ ପାଇଁ ମଧ୍ୟ ବିଫଳତାର ସାମ୍ନା କରିବାକୁ ପଡେ ।

୮) ଉତ୍ତମ ଚରିତ୍ର ଗଠନ ଶିକ୍ଷାର ଲକ୍ଷ୍ୟ ହେବା ଉଚିତ୍ ।

୯) କଷ୍ଟାର୍ଜିତ ସଫଳତାର ଆନନ୍ଦ ଶବ୍ଦରେ ପ୍ରକାଶ କରିବା ଅସମ୍ଭବ ।

୧୦) ବିଳାସପୂର୍ଣ୍ଣ ଜୀବନଯାପନ କରିବା ଅପେକ୍ଷା ନିଜ ଲକ୍ଷ୍ୟ ହାସଲ ଦିଗରେ କାମ କରିବା ଶ୍ରେୟସ୍କର ।

୧୧) ପରକଥାରେ ପରିଚାଳିତ ବ୍ୟକ୍ତି ସମାଜରେ ସମାଲୋଚନାର ପାତ୍ର ହୋଇଥାନ୍ତି ।

୧୨) ସ୍ୱପ୍ନକୁ ବାସ୍ତବର ରୂପ ଦେବା ନିମନ୍ତେ ପରିଶ୍ରମ ଓ ଧୈର୍ଯ୍ୟ ଆବଶ୍ୟକ ।

୧୩) ମୁଁ କାହାକୁ କିଛି ଶିକ୍ଷା ଦେଇପାରିବି ନାହିଁ, ତେବେ ନିଜସ୍ୱ ବିଶ୍ଳେଷଣ ପାଇଁ ଗୋଟିଏ ପ୍ରସଙ୍ଗ ଦେଇପାରିବି ।

୧୪) ନାରୀ ଶିକ୍ଷିତ ହେଲେ ସେ ନିଜ ଅଧିକାର ସମ୍ପର୍କରେ ଜାଣି ପାରିବେ ।

୧୫) କାମ ନ କରି କେବଳ ବଡ଼ବଡ଼ କଥା କହୁଥିବା ଲୋକ ପରିହାସର ପାତ୍ର ହୋଇଥାନ୍ତି ।

୧୬) ସାମାଜିକ ପରିବର୍ତ୍ତନ ଦ୍ୱାରା ଯେ କୌଣସି ବଡ଼ ଲକ୍ଷ୍ୟ ହାସଲ କରାଯାଇପାରିବ ।

୧୭) ନିଜେ ନିଜକୁ ସମ୍ମାନ ଦେଲେ ଅନ୍ୟମାନେ ତୁମକୁ ସମ୍ମାନ ଦେବେ ।

୧୮) ଜୀବନ ସଂଗ୍ରାମରେ ଧୈର୍ଯ୍ୟ ରକ୍ଷାକରି ସାହସର ସହ ଅଗ୍ରସର ହେବା ଉଚିତ୍ ।

୧୯) ପରିଶ୍ରମ ପ୍ରତି ବୀତସ୍ପୃହ ବ୍ୟକ୍ତି ସଫଳତା ପାଇବା ଦୁରୁହ ବ୍ୟାପାର ।

୨୦) ଆତ୍ମସମ୍ମାନ ଠାରୁ ମନୁଷ୍ୟ ପାଇଁ କୌଣସି ଜିନିଷ ବଡ଼ ନୁହେଁ ।

୨୧) ଅନାବଶ୍ୟକ ଓ ବ୍ୟର୍ଥ ଚିନ୍ତା ଜୀବନର ଗତିପଥକୁ ବିପରୀତ ଦିଗକୁ ନେଇଯାଇଥାଏ ।

୨୨) ଲୋକ ଯାହା କୁହନ୍ତୁ ନା କାହିଁକି ନିଜେ ବାଛିଥିବା ରାସ୍ତାରେ ଚାଲ ।

୨୩) ନିଜ କର୍ତ୍ତବ୍ୟ ଠିକ୍ ଭାବେ ପାଳନ କରିବା ପ୍ରକୃତ ଧର୍ମ ।

ଓଁ

୨୪) ଜଣେ ବ୍ୟକ୍ତିର ସଫଳତା ପଛରେ ପରିବାରର ଅବଦାନ ରହିଥାଏ ।

୨୫) କେବଳ ଯୋଜନା ବନାଇଲେ ସଫଳତା ମିଳିନଥାଏ, ସଫଳତା ହେବାକୁ ପରିଶ୍ରମ କରିବାକୁ ପଡେ ।

୨୬) ସତ କହିବା ଯଦି ବିଦ୍ରୋହ, ତେବେ ମୁଁ ଜଣେ ବିଦ୍ରୋହୀ ।

୨୭) ପୁରୁଷପରି ସମାନ ଅଧିକାର ପାଇବାକୁ ମହିଳା ହକ୍‌ଦାର ।

୨୮) ଅଜଥାରେ ସମୟ ଅପବ୍ୟୟ କରିବା ଅସଫଳ ବ୍ୟକ୍ତିର ଲକ୍ଷଣ ।

୨୯) କୌଣସି ସମସ୍ୟାର ସମାଧାନ ଅଲୋଚନା ମାଧ୍ୟମରେ କରିବା ବୁଦ୍ଧିମତାର ପରିଚୟ ।

୩୦) କ୍ରୋଧ ମାନସିକ ଶାନ୍ତି ଓ ଶକ୍ତିକୁ ନଷ୍ଟକରେ ।

୩୧) କୌଣସି ଖବରକୁ ଆଖିବୁଜି ବିଶ୍ୱାସ କରିବା ବୋକାମି ।

୩୨) ଯେତେଦିନ ପର୍ଯ୍ୟନ୍ତ ବଞ୍ଚିବା କିଛି ନୂତନ ଶିଖିବା ଲାଗି ଉଦ୍ୟମ ଜାରି ରଖିବା ।

୩୩) ଅନ୍ୟର କାମକୁ ସର୍ବଦା ସମାଲୋଚନା କରୁଥିବା ବ୍ୟକ୍ତିର ନିଜ ଦୋଷତ୍ରୁଟି ଉପରେ ନଜର ନଥାଏ ।

୩୪) ଜନତାଙ୍କ ଅଧିକାର ଛଡାଇ ନେଇଥିବା ସରକାର କ୍ଷମତାରେ ରହିବାକୁ ଅଯୋଗ୍ୟ ।

୩୫) ନିଜ ଉପରେ ବିଶ୍ୱାସ ରଖିଥିବା ବ୍ୟକ୍ତି ସଫଳତା ପାଇଥାଏ ।

୩୬) ଅନ୍ୟକୁ ସାହାଯ୍ୟ କରୁଥିବା ବ୍ୟକ୍ତିକୁ ବହୁତ୍ ସମ୍ମାନ ମିଳିଥାଏ ।

୩୭) କପଟ କରୁଥିବା ବ୍ୟକ୍ତି ଦିନେନା ଦିନେ ଅସୁବିଧାରେ ପଡିଥାଏ ।

୩୮) ଉତ୍ତମ ମଣିଷ ଭାବେ ନିଜକୁ ଗଢି ତୋଳିବା ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ।

୩୯) ନିଜ ଭାଗ୍ୟ ନିଜକୁ ଲେଖିବାକୁ ହୁଏ, ଯେମିତି ଶୋଇଥିବା ସିଂହର ମୁଖରେ ଆହାର ଆପେ ପ୍ରବେଶ କରେନାହିଁ ।
ସେମିତି ନିଜର ପ୍ରୟାସ ନଥିଲେ ସଫଳତା ହାତପାଆନ୍ତାକୁ ଆସେନାହିଁ ।

୪୦) ଯେପର୍ଯ୍ୟନ୍ତ ବିଜୟୀ ନହୋଇଛ ସେ ପର୍ଯ୍ୟନ୍ତ ଲଢେଇ ଜାରିରଖ ।

୪୧) ନିଜକାମ ନିଷ୍ଠାର ସହ କରୁଥିବା ବ୍ୟକ୍ତି ଆତ୍ମସନ୍ତୋଷ ଲାଭକରିଥାଏ ।

୪୨) ବିତର୍କ କରିବା ପୂର୍ବରୁ ପ୍ରସଙ୍ଗ ସମ୍ପର୍କରେ ଅଧିକରୁ ଅଧିକ ତଥ୍ୟ ଆହରଣ କର ।

୪୩) ସକରାତ୍ମକ ଚିନ୍ତାଧାରା ଓ ପରିଶ୍ରମ ଜଣେ ବ୍ୟକ୍ତିକୁ ବହୁତ ଆଗକୁ ନେଇଯାଇଥାଏ ।

୪୪) ଯଦି ତୁମେ କାହାପାଇଁ କିଛି ଭଲକାମ କରିଛ ତାହାର ଫଳ ନିଶ୍ଚିତ ଭାବେ ତୁମକୁ ଭଲ ମିଳିବ ।

୪୫) ଜ୍ଞାନର ଜ୍ୟୋତି ମାନବ ମନରୁ ଅନ୍ଧକାର ଦୂରକରିଥାଏ ।

୪୬) ଅନ୍ୟକୁ ନ୍ୟୁନ ଦୃଷ୍ଟିରେ ଦେଖୁଥିବା ବ୍ୟକ୍ତିକୁ ସମାଜରେ କେହି ଭଲ ପାଆନ୍ତି ନାହିଁ ।

୪୭) ଧର୍ମାନୁଷ୍ଠାନକୁ ବ୍ୟବସାୟ କରଣ କରାନଯାଉ

ବିଦ୍ର - ପ୍ରକାଶିତ ତଥ୍ୟ ଦୈନିକ ଏକାଧିକ ଓଡ଼ିଆ ଖବରକାଗଜ ରୁ ସଂଗୃହୀତ ।



ଓଁ

# ଗଞ୍ଜାମ ଜିଲ୍ଲା ବଡଖେମଣ୍ଡି ରାଜବଂଶର ଯୁବରାଜ ବଳଭଦ୍ର ଦେବ୍ ପବିତ୍ର ବ୍ରହ୍ମଗାଦି ପୀଠ ଓଳାଶୁଣୀ ଗୁମ୍ଫାର ଆରାଧ୍ୟ ଦେବତା ଅକ୍ଷରବ୍ରହ୍ମ ଯୋଗୀ ଶ୍ରୀ ଶ୍ରୀ ଶ୍ରୀ ମହାପୁରୁଷ ସନ୍ଥ ଅରକ୍ଷିତ ଦାସ ଶରଣମ୍



## ଖେମୁଣ୍ଡି ରାଜବଂଶାବଳୀ

### (ପୁରୀ ଶାଖା)

ଅନନ୍ତବର୍ମା ଚୋଡଗଙ୍ଗ ଦେବ
ପୁରୀ ମନ୍ଦିର ନିର୍ମାତା
କଟକ, ଖୋର୍ଦ୍ଧା, ପୁରୀ ଶାଖା

### (ଖେମୁଣ୍ଡି ଶାଖା)

୧- ପରମର୍ଦ୍ଦି ଦେବ-ମୁଖଲିଙ୍ଗମ୍ (୧୦୨୦-୩୦)
୨- ରାଜେନ୍ଦ୍ର ଚୋଡଗଙ୍ଗ ଦେବ
୩- ନରସିଂହ ଦେବ
୪- ମଦନ ଦେବ
୫- ନାରାୟଣ ଦେବ
୬- ଆନନ୍ଦ ଦେବ
୭- ଅନନ୍ତରୁଦ୍ର ଦେବ
୮- ଜୟରୁଦ୍ର ଦେବ
୯- ଲକ୍ଷ୍ମୀନୃସିଂହ ଭାନୁ ଦେବ
୧୦- ମଧୁକର୍ଣ୍ଣଦେବ
୧୧- ମୃତ୍ୟୁଞ୍ଜୟଭାନୁ ଦେବ
୧୨- ମାଧବସୁନ୍ଦରଭାନୁ ଦେବ
୧୩- ଚନ୍ଦ୍ରଦେବତୋଳ ଭାନୁ ଦେବ.
୧୪- ସୁବର୍ଣ୍ଣଲିଙ୍ଗ ଭାନୁ ଦେବ

### (ପାରଳା ଶାଖା)

ଶିବଲିଙ୍ଗ ଭାନୁ ଦେବ

### (ଖେମୁଣ୍ଡି ଶାଖା)

ରାମଚନ୍ଦ୍ର ଅନଙ୍ଗଭୀମ କେଶରୀ (୧୫୭୦-୧୫୯୧)

ଚୁଡଙ୍ଗ ଦେବ (୧୫୯୧-୧୬୨୪)
ହାରାମଣୀ ଦେବ

ବିଶ୍ୱନାଥ ଦେବ
ଧର୍ମ ଦେବ
ରାମଚନ୍ଦ୍ର ଦେବ

ନରସିଂହ ଦେବ (୧୬୨୪-୧୬୩୩)
ନନ୍ଦମଣୀ ଦେବ

ଅନନ୍ତ କେଶରୀ (୧୬୩୩-୧୬୭୯)

ପଦ୍ମନାଭ ଦେବ (୧୬୭୩-୧୭୦୦)

ପିତାମ୍ବର ଦେବ (୧୭୦୦-୧୭୨୦)
ରାମଚନ୍ଦ୍ର ଦେବ (୧୭୨୦-୧୭୨୦) ୩ ମାସ

ବାସୁଦେବ ଦେବ
ଗଜପତି ପୁରୁଷୋତ୍ତମ ଅନଙ୍ଗଭୀମ ଦେବ (୧୭୨୮-୧୭୭୬)

### (ବଡଖେମୁଣ୍ଡି ରାଜବଂଶ)

ପଦ୍ମନାଭ ମଣିଦେବ (୧୭୭୬-୧୮୦୦)
ବଳଭଦ୍ର ଦେବ
ସନ୍ଥ ଅରକ୍ଷିତ ଦାସ

ଚୈତନ୍ୟ ଦେବ (୧୮୦୬-୧୮୨୮)
ପର୍ଶୁରାମ ଦେବ
ପିତାମ୍ବର ଦେବ (୧୮୨୮-୧୮୫୦)
ଲକ୍ଷ୍ମୀନାରାୟଣ ଦେବ (୧୮୫୦-୧୮୫୨)
ପ୍ରତିଷ୍ଠାତା - ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିର, ବୃନ୍ଦାବନ, ଉତ୍ତର ପ୍ରଦେଶ

ମଦନମୋହନ ଦତ୍ତ (ରାଜା ଦିବ୍ୟସିଂହଦେବ-ପୁରୀ)
ରାଧାକୃଷ୍ଣ
ବ୍ରଜକିଶୋର ସାନଖେମୁଣ୍ଡିକୁ ଦତ୍ତ ହେଲେ
ରାଜା କୃପାମୟ ଦେବ (ବଡଖେମୁଣ୍ଡି) (୧୮୫୨-୧୯୨୨)
ନବଲାଲ ଦେଓ
ଛବିଲାଲ ଦେଓ

ରାଜା-ରାମଚନ୍ଦ୍ର ଦେବ (୧୯୩୦-୧୯୫୨)
ମାଣିକେଶ୍ୱରୀ ପ୍ରସାଦ ଦେବ (୧୯୫୨-୨୦୨୦)
ଜଗନ୍ନାଥ ଦେବ

### (ସାନଖେମୁଣ୍ଡି ରାଜବଂଶ)

ରାଜା ଜଗନ୍ନାଥ ଦେବ (୧୭୮୦-୧୮୦୦)
(ପ୍ରତାପଗିରିରେ ରାଜା ହେଲେ/ପ୍ରତାପଗିରି ଦୁର୍ଗର ପତନ/ରାଜା ଗିରଫ ହେଲେ)
ହରିକୃଷ୍ଣ ଦେବ

ରାଜା ଚନ୍ଦ୍ରମଣୀ ଦେବ (୧୮୦୦-୧୮୩୫)
(ପୋଡାମାରି ରେ ଗଡ ସ୍ଥାପନ କଲେ)

ରାଜା-ଆଦିକନ୍ଦ ଦେବ (୧୮୩୫-୧୮୬୮)
ରାଜା-ବ୍ରଜକିଶୋର ଦେବ (୧୮୭୬-୧୯୦୬)
ରାଜା ନନ୍ଦକିଶୋର ଦେବ (୧୯୩୨-୧୯୪୦)
ରାଜା-ଡକ୍ଟର ଉଦୟନାରାୟଣ ଦେବ (ଜନ୍ମ-୨୦.୧୦୧୯୩୫)
୧୯୪୦ (ରାଜ୍ୟ ଉଚ୍ଛେଦ-୦୧.୦୬.୧୯୫୩)
ଯୁବରାଜ-ବୀରକିଶୋର ଦେବ (ଜନ୍ମ-୧୯୭୬)
ରଣାଧର ଦେବ (ଜନ୍ମ-୧୯୯୪)


ରାଜା-ରଘୁନାଥ ଦେବ (ଜୟନଗର) (ସନନ୍ଦ ଗ୍ରହଣ କଲେ) (୧୮୬୮-୧୮୭୬)
ରାଜା ପୁରୁଷୋତ୍ତମ ଦେବ (୧୯୦୬-୧୯୧୫)
ରାଜା କୁଞ୍ଜବିହାରୀ ଦେବ (୧୯୧୫-୧୯୨୬)

ଲକ୍ଷ୍ମଣ ଦେଓ
କୃଷ୍ଣ ଦେଓ

ତଥ୍ୟ ପ୍ରଦାନ - ସମ୍ମାନନୀୟା ଶ୍ରୀମତୀ ଯୋଗମାୟା ସିଂଦେଓ, ପାଟଜେମା,
ବଡଖେମଣ୍ଡି ରାଜପରିବାର, ଗଞ୍ଜାମ, ଓଡ଼ିଶା

ତଥ୍ୟ ଗ୍ରହଣ - ଶରଣାରବିନ୍ଦ ଓଝା (ସଂସ୍କୃତି ଗବେଷକ) ତଥା ମୁଖ୍ୟ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ,
ନବ କିଶୋର ସାମଲ, ସାଧାରଣ ସମ୍ପାଦକ, ଓଳାଶୁଣୀ ଗୁମ୍ଫା ପ୍ରଚାର ପ୍ରସାର କମିଟି


- ସୌଜନ୍ୟ -
E-mail - nabakishoresamal9@gmail.com
www.olasuni.com Olasuni App
Mahapurusa Arakhita Das's - Olasuni Gumphа YouTube
Contact - Mob - 9776343503, 94385534310, 9937632393




## ଯାହାର ପୂର୍ବଭାଗ୍ୟ ଥିବ ତା’ ପୁତ୍ର ସନ୍ୟାସୀ ହୋଇବ

# ଯୁବରାଜ ବଳଭଦ୍ର ଦେବ୍

## ତହୁଁ ପ୍ରବେଶ ଓଳାଶୁଣିରେ ଯାଇ ଅରକ୍ଷିତ ଦାସ ନାମ ବୋଲାଇ

ମହାପୁରୁଷ ଅରକ୍ଷିତ ଦାସଙ୍କ ଆତ୍ମଜୀବନୀ ମହୀମଣ୍ଡଳ ଗୀତାର ହିନ୍ଦୀ ଅନୁବାଦକ ପଦ୍ମଶ୍ରୀ ଡକ୍ଟର ଶ୍ରୀନିବାସ ଉଦ୍‌ଗାତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇଥିବା ସମୟର ପ୍ରତିଛବି। ଉକ୍ତ ରୂପକୁ ଉଦ୍‌ଗାତା ମହାଶୟ ନିଜେ ଚିତ୍ରଣ କରି ଓଳାଶୁଣୀ ଗୁମ୍ଫା ପ୍ରଚାର ପ୍ରସାର କମିଟି, ଲଳିତଗିରିର ମୁଖ୍ୟ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଶ୍ରୀ ଶରଣାରବିନ୍ଦ ଓଝା ଏବଂ ସାଧାରଣ ସମ୍ପାଦକ ଶ୍ରୀ ନବକିଶୋର ସାମଲ ଙ୍କୁ ତା ୧୨ ସେପ୍ଟେମ୍ବର ୨୦୨୧ ରିଖରେ ରେ ପ୍ରଦାନ କରିଥିଲେ।



ଯାହାର ପୂର୍ବଭାଗ୍ୟ ଥିବ
ତା' ପୁତ୍ର ସନ୍ନ୍ୟାସୀ ହୋଇବ



ତହୁଁ ପ୍ରବେଶ ଓଳାଶୁଣିରେ ଯାଇ
ଅରକ୍ଷିତ ଦାସ ନାମ ବୋଲାଇ

ଓଁ

| | | |
|---|---|---|
| ପ୍ରସ୍ତୁତି ପଥେ | - | ଶୂନ୍ୟପୁରୁଷ ଆଧାତ୍ମିକ ଜ୍ୟୋତି ପରକ୍ରମା? |
| ସ୍ଥାନ | - | କଲିକତା ମହାନଗର ନିଗମ ଅଧୀନ ସିଆଲଦା ଠାରୁ ଓଁକାରକ୍ଷେତ୍ର ଓଳାଶୁଣୀ ପାହାଡ ପର୍ଯ୍ୟନ୍ତ । |
| ସମୟସୀମା | - | ୭୨ ଘଣ୍ଟା |
| ଆୟୋଜକ | - | ଓଳାଶୁଣୀ ଗୁମ୍ଫା ପ୍ରଚାର ପ୍ରସାର କମିଟି । |